# NATIONAL NEWS BULLETIN (ODIA)
## 5 December - 2024
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ନ୍ୟାୟ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଗ୍ରାମ୍ୟ ନ୍ୟାୟାଳୟ ବ୍ୟବସ୍ଥାକୁ ଆହୁରି ବ୍ୟାପକ କରିବାକୁ ପରାମର୍ଶ ଦେଲେ ରାଷ୍ଟ୍ରପତି ।
- ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ନୂଆଦିଲ୍ଲୀରେ ଆଜି ପ୍ରଧାନମନ୍ତ୍ରୀ ଏବଂ ଭୁଟାନର ରାଜାଙ୍କ ମଧ୍ୟରେ ଆଲୋଚନା ଅନୁଷ୍ଠିତ ।
- ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ବିଜେପି ନେତା ଦେବେନ୍ଦ୍ର ଫଡ଼ନାବିସ୍‌ଙ୍କ ଶପଥ ଗ୍ରହଣ ।
- ସଂସଦର ଅନୁମୋଦନ ଲାଭ କଲା ଭାରତୀୟ ବାୟୁଯାନ ବିଧେୟକ-୨୦୨୪ ।

ଏବଂ

- ଭାରତ-ଅଷ୍ଟ୍ରେଲିଆ ଦିନିକିଆ ମହିଳା ଆନ୍ତର୍ଜାତିକ କ୍ରିକେଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୫ ୱିକେଟ୍‌ରେ ବିଜୟୀ ।

# ରାଷ୍ଟ୍ରପତି

ନ୍ୟାୟପାଳିକାରେ ଆଞ୍ଚଳିକ ଭାଷାରେ କାର୍ଯ୍ୟ ସମ୍ପାଦନ ହେବା ଆବଶ୍ୟକ । ଏହା ସାଧାରଣ ଲୋକଙ୍କ ଆଇନ ସାକ୍ଷରତା ବୃଦ୍ଧିରେ ସହାୟକ ହେବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଭୁବନେଶ୍ୱରରେ ନବନିର୍ମିତ ନ୍ୟାୟିକ ଅଦାଲତ ଅଟ୍ଟାଳିକାକୁ ଉଦ୍‌ଘାଟନ କରିବା ଅବସରରେ ରାଷ୍ଟ୍ରପତି କହିଛନ୍ତି, ଓଡ଼ିଶାରେ ଗ୍ରାମ୍ୟ ନ୍ୟାୟାଳୟ ପ୍ରତିଷ୍ଠା କରାଯାଉଛି । ଏହାଦ୍ୱାରା ନ୍ୟାୟ ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ହେବ । ଗ୍ରାମ୍ୟ ନ୍ୟାୟାଳୟକୁ ଆହୁରି ବ୍ୟାପକ କରିବା ପାଇଁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି ।

ରାଷ୍ଟ୍ରପତି କହିଛନ୍ତି, ଦେଶରେ ଗତ ଜୁଲାଇ ପହିଲାରୁ ନୂତନ ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ସମୟୋପଯୋଗୀ ପଦକ୍ଷେପ । ଏଥିରେ ଦଣ୍ଡ ଅପେକ୍ଷା ନ୍ୟାୟ ପ୍ରଦାନକୁ ଅଧିକ ଗୁରୁତ୍ୱ ଦିଆଯାଇଛି ।  ଏହା ନ୍ୟାୟ ପ୍ରଦାନ କ୍ଷେତ୍ରରେ ସରକାରଙ୍କ ସକାରାତ୍ମକ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି ।

କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହଙ୍କ ସମେତ ଅନ୍ୟ ବିଚାରପତି, ବିଚାର ବିଭାଗୀୟ ଅଧିକାରୀ ଏବଂ ଆଇନଜୀବୀ ଉପସ୍ଥିତ ଥିଲେ ।

# ପିଏମ୍-ଭୁଟାନ

ଭୁଟାନର ରାଜା ଜିଗ୍‌ମେ ଖେଶର ନାମ୍‌ଗୈଲ ଓ୍ୱାଙ୍ଗଚୁକ୍ ଏବଂ ରାଣୀ ଜେଟ୍‌ସନ ପେମା ଓ୍ୱାଙ୍ଗଚୁକ୍ ଆଜି ନୂଆଦିଲ୍ଲରେ  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ଭୁଟାନର ପ୍ରଗତି ଏବଂ ବିକାଶରେ ରାଜା ଓ୍ୱାଙ୍ଗଚୁକ୍‌ଙ୍କ ଦୃଷ୍ଟିକୋଣକୁ ଶ୍ରୀ ମୋଦୀ ଉଚ୍ଚପ୍ରଶଂସା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ  ଓ ଭୁଟାନ୍ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ପାଇଁ ଉଭୟ ଦେଶ ପ୍ରତିଶ୍ରୁତିବଦ୍ଧ। ସୂଚନାଯୋଗ୍ୟ, ଦୁଇଦିନିଆ ଭାରତ ଗସ୍ତରେ ଆସି ଭୁଟାନର ରାଜା ଏବଂ ରାଣୀ ଆଜି ସକାଳେ ନୂଆଦିଲ୍ଲୀରେ ପହଞ୍ଚିଥିଲେ। ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ସେମାନଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଥିଲେ ।

# ପାର୍ଲ୍ୟାମେଣ୍ଟ

ଲୋକସଭାରେ ଆଜି ବିରୋଧୀଙ୍କ ହଟ୍ଟଗୋଳ ପରିପ୍ରେକ୍ଷୀରେ ଅଧିବେଶନକୁ ମୁଲତବୀ ଘୋଷଣା କରାଯାଇଥିଲା। ବିଜେପି ସଦସ୍ୟ ନିଶିକାନ୍ତ ଦୁବେଙ୍କ, କଂଗ୍ରେସର କେତେକ ବରିଷ୍ଠ ସଦସ୍ୟକୁ ଆକ୍ଷେପ ଏବଂ ସମ୍ବଲ ହିଂସାକାଣ୍ଡ ସମ୍ପର୍କିତ   ମନ୍ତବ୍ୟ ପରିପ୍ରେକ୍ଷୀରେ ବିରୋଧୀଙ୍କ ପକ୍ଷରୁ ଗୃହରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ଶୂନ୍ୟକାଳରେ ଶ୍ରୀ ଦୁବେ

ଫ୍ରାନ୍ସର ଏକ ରିପୋର୍ଟ ଉପସ୍ଥାପନ କରି ଭାରତୀୟ ସଂସଦ ଏବଂ ଦେଶର ଅର୍ଥନୀତିକୁ ଦୁର୍ବଳ କରାଯିବାକୁ ଚେଷ୍ଟା କରାଯାଉଥିବା ନେଇ  ଅଭିଯୋଗ କରିଥିଲେ । ଏ ନେଇ ବିରୋଧୀ ଦଳ ନେତାଙ୍କ ସାମାଜିକ ଗଣମାଧ୍ୟମ ପୋଷ୍ଟ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ।  ବିରୋଧୀଙ୍କ ହଟ୍ଟଗୋଳ ପରିପ୍ରେକ୍ଷୀରେ ବାଚସ୍ପତି ଗୃହକୁ ପ୍ରଥମେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏବଂ ପରେ ପରିସ୍ଥିତିରେ କୌଣସି ସୁଧାର ପରିଲକ୍ଷିତ ନ ହେବାରୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟସଭାରେ ମଧ୍ୟ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଥିଲା। ପରେ ରାଜ୍ୟସଭା ଅଧିବେଶନ ସ୍ୱାଭାବିକ ହୋଇଥିଲା।

## ଶପଥ ଗ୍ରହଣ

ବିଜେପି ନେତା ଦେବେନ୍ଦ୍ର ଫଡ଼ନାବିସ୍ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ମୁମ୍ବାଇର ଆଜାଦ୍ ମଇଦାନଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଶିବସେନା ନେତା ଏକନାଥ ସିନ୍ଦେ ଏବଂ ଏନ୍.ସି.ପି.(ଏପି) ଦଳ ମୁଖ୍ୟ ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଶ୍ରୀ ଫଡ଼ନାବିସ୍ ମହାରାଷ୍ଟ୍ରର ୩୧ତମ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ଶ୍ରୀ ଫଡ଼ନାବିସ୍ଙ୍କର ଏହା

ତୃତୀୟ କାର୍ଯ୍ୟକାଳ। ଏହି ସମାରୋହରେ ପ୍ରଧାନମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ମନ୍ତ୍ରିମଣ୍ଡଳର ବରିଷ୍ଠ ସଦସ୍ୟ, ବିଜେପି ଶାସନାଧୀନ ରାଜ୍ୟର ମୁଖ୍ୟମନ୍ତ୍ରୀ, ମହାୟୁତି ମେଣ୍ଟର ନେତା ଏବଂ ଦଳୀୟ କର୍ମୀ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି, ଶିବସେନା ଏବଂ ଏନ୍‌ସିପିର ମହାୟୁତି ମେଣ୍ଟ ୨୮୮ଟି ଆସନରୁ ୨୩୦ଟି ଆସନରେ ବିଜୟ ଲାଭ କରିଥିଲା।

## ଇସ୍ରୋ

ଭାରତୀୟ ମହାକାଶ ଗବେଷଣା ସଂଗଠନ ଇସ୍ରୋ' ଆଜି ଶ୍ରୀହରିକୋଟାସ୍ଥିତ ସତୀଶ ଧାଓ୍ୱନ ମହାକାଶ କେନ୍ଦ୍ରରୁ ପ୍ରୋବା-ଥ୍ରୀ ମିଶନ୍ ଅନ୍ତର୍ଗତ ମହାକାଶଯାନକୁ ସଫଳତାର ସହ ଉତ୍କ୍ଷେପର କରିଛି। ଅପରାହ୍ଣ ୪ଟା ୪ ମିନିଟ୍‌ରେ ଏହି ଉତ୍କ୍ଷେପଣ କରାଯାଇଛି। ଉତ୍କ୍ଷେପଣ ପରେ ସାମାଜିକ ଗଣମାଧ୍ୟମରେ ଇସ୍ରୋ କହିଛି, ପିଏସ୍‌ଏଲ୍‌ଭି-ସି-୫୯ ସଫଳତାର ସହ ଉତ୍କ୍ଷେପଣ ହୋଇଛି। ନ୍ୟୁ ସ୍ପେଶ୍ ଇଣ୍ଡିଆ ଲିମିଟେଡ୍ ଅଧୀନରେ ଏଭଳି ବିଶ୍ୱସ୍ତରୀୟ ଅଭିଯାନ ଆରମ୍ଭ ହୋଇଛି। ପ୍ରୋବା-ଥ୍ରୀ ହେଉଛି, ୟୁରୋପୀୟ ମହାକାଶ ଏଜେନ୍ସିର ଏକ ଇନ୍-ଅର୍ବିଟ୍ ପ୍ରଦର୍ଶନ ଅଭିଯାନ। ଏଥିରେ ଦୁଇଟି ମହାକାଶଯାନ ରହିଛି। ଯାହାକୁ ଏକାଠି ଉତକ୍ଷେପଣ କରାଯାଇଛି। ସୂଚନାଯୋଗ୍ୟ, ନ୍ୟୁ ସ୍ପେଶ୍ ଇଣ୍ଡିଆ ଲିମିଟେଡ୍

ହେଉଛି, ଇସ୍ରୋର ବାଣିଜ୍ୟିକ ଶାଖା। ପ୍ରୋବା-ଥ୍ରୀ ମହାକାଶ ଯାନରେ ଗତକାଲି ତ୍ରୁଟି ପରିଲକ୍ଷିତ ହେବାରୁ ଏହାର ଉତ୍କ୍ଷେପଣ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଥିଲା ।

## ରାଜ୍ୟସଭା ବାୟୁଯାନ ବିଧେୟକ

ଭାରତୀୟ ବାୟୁଯାନ ବିଧେୟକ-୨୦୨୪ ସଂସଦର ଅନୁମୋଦନ ଲାଭ କରିଛି। ରାଜ୍ୟସଭାରେ ଆଜି ଏହା ଉପରେ ଆଲୋଚନା ପରେ ଗୃହୀତ ହୋଇଛି। ଏ ସମ୍ପର୍କିତ ଆଲୋଚନାର ଉତ୍ତର ଦେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ.ରାମମୋହନ ନାଇଡୁ କହିଛନ୍ତି, ବିମାନ ଚଳାଚଳ କ୍ଷେତ୍ରକୁ ଅଧିକ ଉନ୍ନତ କରିବା ଲକ୍ଷ୍ୟରେ ସରକାର ପ୍ରତିଶ୍ରୁତିବଦ୍ଧ। ବିମାନର ନକ୍ସା, ଉତ୍ପାଦନ, ରକ୍ଷଣାବେକ୍ଷଣ, ବିକ୍ରୟ, ରପ୍ତାନୀ କିମ୍ବା ଆମଦାନୀକୁ ନିୟନ୍ତ୍ରଣ କରିବା ସହିତ ବିମାନ ପରିଚାଳନା ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଏହି ବିଲ୍ ସରକାରଙ୍କୁ ଅଧିକ କ୍ଷମତା ପ୍ରଦାନ କରିବ। ବିମାନ ଦୁର୍ଘଟଣା କିମ୍ବା ଅନ୍ୟାନ୍ୟ ଘଟଣାର ତଦନ୍ତ ପାଇଁ ନିୟମ ପ୍ରଣୟନ କରିବାକୁ ସରକାରଙ୍କୁ ଅଧିକ ସଶକ୍ତ କରିବା ଏହି ବିଲ୍‌ର ଉଦ୍ଦେଶ୍ୟ। ନିଯୁକ୍ତି ସୁଯୋଗ ସୃଷ୍ଟି ତଥା ଅର୍ଥନୈତିକ କାର୍ଯ୍ୟକଳାପ ଉପରେ ଏହି ବିଲ୍‌ରେ ଗୁରୁତ୍ୱ ପ୍ରଦାନ କରାଯାଇଛି।

ଏହି ବିଲ୍ ଆଲୋଚନାରେ ବିଭିନ୍ନ ଦଳର ସଦସ୍ୟ ଯୋଗଦେଇ ନିଜର ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ। ସୂଚନାଯୋଗ୍ୟ, ଗତ ମୌସୁମୀ ଅଧିବେଶନରେ ଏହି ବିଧେୟକ ଲୋକସଭାରେ ପାରିତ ହୋଇଥିଲା।

## ରାଜ୍ୟସଭା ଜୟଶଙ୍କର ପାଲେଷ୍ଟାଇନ୍

ଭାରତର ପାଲେଷ୍ଟାଇନ୍ ନୀତି ପୂର୍ବପରି ବଳବତ୍ତର ରହିଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି, ରାଜ୍ୟସଭାରେ ଆଜି ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଡକ୍ଟର ଜୟଶଙ୍କର କହିଛନ୍ତି, ସୀମା ମଧ୍ୟରେ ଏକ ସାର୍ବଭୌମ୍ୟ ସ୍ୱାଧୀନ ଏବଂ କାର୍ଯ୍ୟକ୍ଷମ ପାଲେଷ୍ଟାଇନ୍ ରାଷ୍ଟ୍ର ପ୍ରତିଷ୍ଠାକୁ ଭାରତ ସମର୍ଥନ କରିଆସିଛି। ପାଲେଷ୍ଟାଇନ୍ ଏବଂ ଇସ୍ରାଏଲ ମଧ୍ୟରେ ରହିଥିବା ମତଭେଦକୁ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଭାରତ ପ୍ରାଧାନ୍ୟ ଦେଇଛି। ଇସ୍ରାଏଲ ଏବଂ ହମାସ୍ ସଂଘର୍ଷରେ ସାଧାରଣ ନାଗରିକଙ୍କ ମୃତ୍ୟୁକୁ ଭାରତ ଦୃଢ଼ ନିନ୍ଦା କରିଛି। ଅସ୍ତ୍ରବିରତି, ପଣବନ୍ଦୀ ମୁକ୍ତି ଏବଂ ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଭାରତ ସବୁବେଳେ ଆହ୍ୱାନ ଦେଇ ଆସିଛି ବୋଲି ଶ୍ରୀ ଜୟଶଙ୍କର କହିଛନ୍ତି। ଇସ୍ରାଏଲ ଏବଂ ପାଲେଷ୍ଟାଇନ୍ ପ୍ରସଙ୍ଗରେ ଜାତିସଂଘର ପ୍ରସ୍ତାବ

ଉପରେ ଭାରତର ମତଦାନ ଏହାର ନିର୍ଦ୍ଧାରିତ ନୀତି ଅନୁଯାୟୀ ଗ୍ରହଣ କରାଯାଇଛି ବୋଲି ଡକ୍ଟର ଜୟଶଙ୍କର ସ୍ପଷ୍ଟ କରିଛନ୍ତି। ଏହି ପ୍ରସଙ୍ଗରେ ନିଜର ଆଭିମୁଖ୍ୟରେ ଭାରତ ବିଭିନ୍ନ ଦ୍ୱିପାକ୍ଷିକ ଏବଂ ବହୁପକ୍ଷୀୟ ମଞ୍ଚରେ ଉତ୍ଥାପନ କରିଛି। ମିଳିତ ଜାତିସଂଘର ସହାୟତା ଏବଂ ଶ୍ରମ ସଂସ୍ଥା ଜରିଆରେ ପାଲେଷ୍ଟାଇନ୍‌ର ଜନସାଧାରଣଙ୍କ ପାଇଁ ଭାରତ ମାନବିକ ସହାୟତା ପ୍ରଦାନ କରିଛି। ଏ ପର୍ଯ୍ୟନ୍ତ ୧୬ ଦଶମିକ ୫ ଟନ୍ ଔଷଧ ଏବଂ ଚିକିତ୍ସା ସାମଗ୍ରୀ ସମେତ ପ୍ରାୟ ୭୦ ଟନ୍ ମାନବିକ ସହାୟତା ପ୍ରଦାନ କରାଯାଇଛି ବୋଲି ଡକ୍ଟର ଜୟଶଙ୍କର ଗୃହରେ ସୂଚନା ଦେଇଛନ୍ତି।

## ଆର୍‌ଏସ୍-ପୋଷ୍ଟ ଅଫିସ୍

ସମଗ୍ର ଦେଶରେ ଏ ପର୍ଯ୍ୟନ୍ତ ରହିଥିବା ୧ ଲକ୍ଷ ୬୫ ହଜାରରୁ ଅଧିକ ଡାକଘରେ ପାଖାପାଖି ସାଢ଼େ ୪ ଲକ୍ଷ କର୍ମଚାରୀ କାର୍ଯ୍ୟ କରୁଛନ୍ତି ବୋଲି ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ ଚନ୍ଦ୍ରଶେଖର ପେମାଶାଣି କହିଛନ୍ତି। ରାଜ୍ୟସଭାରେ ଆଜି ଏ ସମ୍ପର୍କରେ ଉତ୍ତର ଦେଇ ସେ କହିଛନ୍ତି, ସର୍ବନିମ୍ନ ତିନି କିଲୋମିଟର ପରିଧି ମଧ୍ୟରେ ଡାକଘର ସ୍ଥାପନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ୧୦ ହଜାର ୫୦୦ରୁ ଅଧିକ ନୂଆ ଡାକଘର ପ୍ରତିଷ୍ଠା କରାଯାଇଛି। ସେଥିମଧ୍ୟରେ ପାଖାପାଖି ୯୦

ପ୍ରତିଶତ ଗ୍ରାମାଞ୍ଚଳରେ ରହିଛି। ନବ ପ୍ରତିଷ୍ଠିତ ଡାକଘର ଗୁଡ଼ିକ ମଧ୍ୟରେ ୫ ହଜାରରୁ ଅଧିକ ଡାକଘର ବାମପନ୍ଥୀ ଉଗ୍ରବାଦ ପ୍ରଭାବ ଅଞ୍ଚଳରେ ରହିଛି ବୋଲି ମନ୍ତ୍ରୀ ଗୃହକୁ ସୂଚନା ଦେଇଛନ୍ତି।

## ସିରିଆ-ଫାଇଟିଂ

ସିରିଆରେ ବିଦ୍ରୋହୀ ଗୋଷ୍ଠୀ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସହର ହମା'କୁ ତିନି ପାର୍ଶ୍ୱରୁ ଘେରାଉ କରିଛନ୍ତି। ବ୍ରିଟେନ୍‌ସ୍ଥିତ ସିରିଆର ମାନବାଧିକାର ପର୍ଯ୍ୟବେକ୍ଷକ ସଂସ୍ଥାର ରିପୋର୍ଟ ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ବ୍ୟାପକ ସୈନ୍ୟ ମୁତୟନ ସତ୍ତ୍ୱେ ବିଦ୍ରୋହୀ ହମାଠାରେ ଏଭଳି ପଦକ୍ଷେପ ନେଇଛି। ସିରିଆ ସେନାବାହିନୀକୁ ରୁଷିଆ ଏବଂ ଇରାନ୍ ସମର୍ଥନ ପ୍ରଦାନ କରୁଛି। ବିଦ୍ରୋହୀ କମାଣ୍ଡର ହସନ୍ ଅବଦୁଲ୍ ଘନୀ ସାମାଜିକ ଗଣମାଧ୍ୟମରେ ବ୍ରିଦ୍ରୋହୀଙ୍କ ସହର ପ୍ରବେଶ ନେଇ ଘୋଷଣା କରିଛନ୍ତି। ସିରିଆର ସରକାରୀ ଗଣମାଧ୍ୟମ କହିଛି, ହମା'ରେ ସିରିଆ ସୈନ୍ୟ ଏବଂ ବ୍ରିଦ୍ରୋହୀଙ୍କ ମଧ୍ୟରେ ସଂଘର୍ଷ ଚାଲିଛି।

## ମୋସ୍ପି-ଏଏସ୍ଆଇ

ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଆଜି ନୂଆଦିଲ୍ଲୀରେ ଏପ୍ରିଲ ୨୦୨୨ରୁ ମାର୍ଚ୍ଚ ୨୦୨୩ ଅବଧି ପାଇଁ ଶିଳ୍ପ-

ଏଏସ୍ଆଇର ବାର୍ଷିକ ସର୍ଭେ ରିପୋର୍ଟ ପ୍ରକାଶ କରିଛି। ଏହି ରିପୋର୍ଟ ଜାତୀୟ ଏବଂ ରାଜ୍ୟସ୍ତରରେ ପରିସଂଖ୍ୟା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥାଏ। ରିପୋର୍ଟକୁ ଉନ୍ମୋଚନ କରି ବିଭାଗୀୟ ମନ୍ତ୍ରୀ ରାଓ ଇନ୍ଦ୍ରଜିତ କହିଛନ୍ତି, ମେକ୍ ଇଣ୍ଡିଆ ଅଭିଯାନ, ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ ଯୋଜନା ଏବଂ ଦକ୍ଷତା ବିକାଶ ସମ୍ବନ୍ଧୀୟ ରଣନୀତିକୁ ସଫଳ ରୂପରେଖ ଦେବାରେ ଏହି ରିପୋର୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏଭଳି ତଥ୍ୟ, ସ୍ୱଚ୍ଛ ଶାସନ ଏବଂ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ମେରୁଦଣ୍ଡ ସଦୃଶ କାର୍ଯ୍ୟ କରିଥାଏ ବୋଲି ମନ୍ତ୍ରୀ କହିଛନ୍ତି। ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ବୈଷୟିକ ଅଭିନବତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଆଦି କ୍ଷେତ୍ରରେ ଏହି ତଥ୍ୟ ବିଶେଷ ଉପଯୋଗୀ ହୋଇଥାଏ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ମହିଳା କ୍ରିକେଟ

ଚଳିତ ଭାରତ ଓ ଅଷ୍ଟ୍ରେଲିଆ ମହିଳା ଦିନିକିଆ ଆନ୍ତର୍ଜାତିକ କ୍ରିକେଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ’ ଭାରତକୁ ୫ ୱିକେଟ୍‌ରେ ପରାସ୍ତ କରିଛି। ବ୍ରିସ୍‌ବେନ୍‌ଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଟସ୍ ଜିତି ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଭାରତ ୩୪

ଓଭର ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୦୦ ରନ୍ ସଂଗ୍ରହ କରିଥିଲା। ୧୦୧ ରନ୍‌ର ବିଜୟ ଲକ୍ଷ୍ୟକୁ ଅଷ୍ଟ୍ରେଲିଆ ୧୬ ଓଭର ୨ଟି ବଲ୍‌ରେ ୫ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା। ଏହି ତିନିଟିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୮ ତାରିଖରେ ବ୍ରିସବେନ୍‌ଠାରେ ଖେଳାଯିବ।